# Akashvani, Sambalpur

# SAMBALPURI NEWS BULLETIN

## 29 August 2024- 6.47- 6.52 am.

*********************************************

କେବିନେଟ୍ ବୈଠକ୍        ଆର୍ଏନ୍ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେବିନେଟ୍ ବୈଠକ୍‌ଥି ୪ ହଜାର୍ ୨ ଶହ ୮୬ କୋଟି ଟଙ୍କା ଖର୍ଚ୍ଚାଥି ଓଡ଼ିଶାର୍ ୨ ଟା ରେଲ୍ ପ୍ରକଳ୍ପକେ ମଞ୍ଜୁରୀ ମିଳିଛେ । ଶହେ ୩୮ କିଲୋମିଟର୍ ଲମ୍ବା ବର୍‌ଗଡ୍ ରୋଡ୍ - ନୂଆପଡ଼ା ରୋଡ୍ -ନୂଆଁ ରେଲ୍‌ଲାଇନ୍ ଆର୍ ୩୭ କିଲୋମିଟର୍ ଲମ୍ବା ସୁନ୍ଦର୍‌ଗଡ୍‌ର ସର୍‌ଡେଗା ଆର୍ ଛତିଶ୍‌ଗଡ୍‌ର ଭାଲୁମୁରା ଡବଲ୍ ରେଲ୍‌ଲାଇନ୍‌କେ ମଞ୍ଜୁରୀ  ଦିଆଯାଇଛେ ବଲି କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚନା ଦେଇଛନ୍ । ରାଜ୍ୟ ଲାଗି ଇ ଦୁହି ପ୍ରକଳ୍ପ ମଞ୍ଜୁରୀ କରିଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ଜଲ୍‌ସମ୍ପଦ୍ ବିଭାଗ୍-ଖର୍ଚ୍ଚ ଆଲୋଚନା ଆର୍‌ଏନ୍‌ୟୁ /ସମ୍ବଲପୁର

ଦୁର୍ନୀତି ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଜଲ୍‌ସମ୍ପଦ୍ ବିଭାଗ୍‌କେ ପୁରା ଦୁର୍ନୀତିମୁକ୍ତ କରାଯିବା ବଲି ମୁଖ୍ୟମନ୍ତ୍ରୀ ଆର୍ ବିଭାଗୀୟ ମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗୃହ ନ ଜଲ୍‌ସମ୍ପଦ୍ ବିଭାଗ୍‌ର ଖର୍ଚ୍ଚ ଦାବି ଆଲୋଚନାର ଉତର୍ ରଖିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟ ସର୍‌କାର୍ ଦୁର୍ନୀତିଗ୍ରସ୍ତ ସର୍‌କାରୀ କର୍ମଚାରୀ ମାନ୍‌କର୍ କ୍ଷେତ୍ରଥି ଶୂନ୍ୟସହନଶୀଳତା ନୀତି ଗ୍ରହଣ୍ କର୍‌ବାର୍‌କେ ନିଷ୍ପତି ନେଇଛନ୍ ।

ଅବକାରୀ ବିଭାଗ୍- ସମନ୍ୱୟ ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ନ ଅବକାରୀ ମାମ୍‌ଲାର୍ ସମୀକ୍ଷା ଲାଗି ଗୁଟେ ସମନ୍ୱୟ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଇଥି ଅବକାରୀ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସୁଶୀଲ୍ କୁମାର୍ ଲୋହାନୀ ବିଭାଗ୍‌ର କାର୍ଯ୍ୟକଲାପ ବାବ୍‌ଦେ ଜନେଇଥିଲେ ।

ବୈଠକ୍‌ଥି ବିଭାଗ୍‌କେ ଅଏତ୍‌କା ସୁବ୍ୟବସ୍ଥିତ୍ କର୍‌ବାର୍, ମାନବ୍‌ସମ୍ବଳ ବଢ଼ାବାର୍ ଉପ୍‌ରେ ଆଲୋଚନା ହେଇଥିଲା ।

ମୁଖ୍ୟ ଶାସନ୍ ସଚିବ- ବୈଠକ୍      ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧକ୍ଷତାଥି ଲୋକ୍‌ସେବା ଭବନ୍ ନ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ତର୍‌ଫୁ ସଡ଼କ୍ ସୁରକ୍ଷା ବାବ୍‌ଦେ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ସଡ଼କ୍ ଦୁର୍ଘଟଣା ହେଲେ ଦୁର୍ଘଟଣାଗ୍ରସ୍ତଙ୍କର୍ ପାଖେ ଜଲ୍‌ଦି ପହଁଚିକରି ସାହାଜ୍ କର୍‌ବାର୍ ଦର୍‌କାର୍ ରହିଛେ । ଇଥିର୍‌ଲାଗି ଆମ୍ବୁଲାନ୍ସ, ପୁଲିସ୍ ଟିମ୍, ଅଗ୍ନିଶମ ବ୍ୟବସ୍ଥା କ୍ରୀୟାଶୀଳ ହେଇକରି କାମ୍ କର୍‌ବାର୍ ଦର୍‌କାର୍ ବଲି ମୁଖ୍ୟ ଶାସନ୍ ସଚିବ କହିଛନ୍ ।

ସଡ଼କ ସୁରକ୍ଷା - ଓଡ଼ିଶା ପୁରସ୍କୃତ      ଆର୍‌ଏନ୍‌ୟୁ /ସମ୍ବଲପୁର

ସଡ଼କ ସୁରକ୍ଷା ପଦକ୍ଷେପ୍ ନେବାର୍ ଦିଗେ ଦେଶେ ଓଡ଼ିଶା ୧ ନମ୍ବର୍ ଠାନ୍ ହାସଲ୍ କରିଛେ । ଦିଲ୍ଲୀ ନ ଫିକି ତର୍‌ଫୁ ହେଇଥିବା ୬ ନମ୍ବର୍ ସଡ଼କ ସୁରକ୍ଷା ସମାରୋହଥି କେନ୍ଦ୍ର

ପରିବହନ ଆଉ ରାଜପଥ ମନ୍ତ୍ରୀ ନିତୀନ୍ ଗଡ଼୍କରୀ ଇ ଘୋଷ୍ନା କର୍ବାର୍ ସହେତେ ଓଡ଼ିଶାକେ ପୁରସ୍କୃତ କରିଛନ୍ । ଓଡ଼ିଶା ତର୍ଫୁ ଯୁଗ୍ମ ପରିବହନ କମିଶନର୍ ପ୍ରଦୀପ୍ କୁମାର୍ ମହାନ୍ତି କେନ୍ଦ୍ରମନ୍ତ୍ରୀଙ୍କର୍ନୁ ଇ ପୁରସ୍କାର୍ ଗ୍ରହଣ୍ କରିଥିଲେ ।

ପୁଲିଂ ଅଧିକାରୀ- ଟିଏ ଡିଏ ଆର୍ଏନ୍ୟୁ /ସମ୍ବଲପୁର

ସାଧାରଣ ନିର୍ବାଚନ୍ଥି ପୁଲିଂ ଅଧିକାରୀ ଭାବେ କାମ୍ କରିଥିବା ସର୍କାରୀ ଅଧିକାରୀ ଆର୍ ଶିକ୍ଷକ୍ମାନ୍କର୍ ଟିଏ, ଡିଏ ଆବେଦନ୍ ସମିଆକେ ବଢ଼ାଯାଇଛେ । ଆଘୋନୁ ଜୁଲାଇ ୩୧ ତାରିଖ୍ ଶେଷ୍ ତାରିଖ୍ ଥିବାର୍ ବେଲେ ଏଛେନ୍ ଇ ସମିଆ ଅଗଷ୍ଟ ୩୧ ତାରିଖ୍ତକ୍ ବଢ଼ାଯାଇଛେ ବଲି ଗୃହ ବିଭାଗ୍ ତର୍ଫୁ ସବୁ ବିଭାଗ୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଓପିଏସ୍ସି ମୁଖ୍ୟ ଲିଖିତ ପରୀକ୍ଷାଫଲ ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶା ଲୋକସେବା ଆୟୋଗ- ଓପିଏସ୍ସି ତର୍ଫୁ ହେଇଥିବା ଓଡ଼ିଶା ସିଭିଲ୍ ସର୍ଭିସ୍ - ୨୦୨୨ ମୁଖ୍ୟ ଲିଖିତ ପରୀକ୍ଷାଫଲ୍

ବାହାରିଛେ । ଇଥି ୧ ହଜାର୍ ୩ ଶହ ୬୭ ଝନ୍ ପରୀକ୍ଷାର୍ଥୀ ପାସ୍ ହେଇଛନ୍ । ପାସ୍ ହେଇଥିବା ଛାତ୍ରଛାତ୍ରୀମାନ୍‌କର୍ ଲାଗି ଆଏବା ସେପ୍ଟେମ୍ବର୍ ୯ ତାରିଖିନୁ ସାକ୍ଷାତ୍‌କାର୍ ପରୀକ୍ଷା ଆର୍ ସେମାନ୍‌କର୍ ପ୍ରମାଣ୍‌ପତ୍ର ଯାଂଚ୍ କରାଯିବା । ଇତାର୍‌ଉତ୍‌ରୁ ଚୂଡ଼ାନ୍ତ ମେଧା ତାଲିକା ବାହାର୍ କରାଯିବା ବଲି ଓପିଏସ୍‌ସି ତର୍‌ଫୁ ସୂଚ୍‌ନା ମିଲିଛେ ।

ସାତକୋଶିଆ -ବ୍ୟାଘ୍ର ପ୍ରକଳ୍ପ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସାତକୋଶିଆ ଅଭୟାରଣ୍ୟ ନ ବହୁତ୍ ଜଲ୍‌ଦି ବ୍ୟାଘ୍ର ପ୍ରକଳ୍ପ ମୁଲ୍ ହେବା । ଇଥିର୍‌ଲାଗି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଗୁଟେ ୫ ବର୍ଷିଆ ଯୋଜ୍‌ନାର୍ ବ୍ଲୁପ୍ରିଂଟ୍ ତିଆର୍ କରାଯାଇଛେ । ମହାରାଷ୍ଟ୍ର ଆର୍ ମଧ୍ୟପ୍ରଦେଶ୍ ନୁ ୫ ବଛର୍ ଭିତ୍‌ରେ ପାଖାପାଖି ୧୬ ଟା ବାଘ୍ ସାତକୋଶିଆକେ ଅନାଯିବା । ଇଥିର୍‌ଲାଗି ଜାତୀୟ ବ୍ୟାଘ୍ର ସଂରକ୍ଷଣ୍ ସଂସ୍ଥା ଅନୁମୋଦନ୍ ଦେଇଥିବାର୍ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚ୍‌ନା ଦେଇଛନ୍ ।

ଜାତୀୟ କ୍ରୀଡ଼ା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ କ୍ରୀଡ଼ା ଦିବସ୍ । ଜାତୀୟ ଖେଲ୍ ହକିର କିମ୍ବଦନ୍ତୀ ପୁରୁଷ ଧ୍ୟାନ୍‌ଚାନ୍ଦ୍‌ଙ୍କୁ ସମ୍ମାନ୍ ଜନେଇକରି ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ କ୍ରୀଡ଼ା ଦିବସ୍ ଭାବେ ପାଲନ୍ କରାଯାଉଛେ । ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ନେତୃତ୍ୱଥି ୩ ଥର୍ ଲଗାତାର୍ ଭାରତ୍ ୧୯୨୮, ୧୯୩୨, ୧୯୩୬ ମସିହାଥି ଅଲମ୍ପିକ୍ସ୍ ନ ଜିତିଥିଲା । ୧୯୩୬ ମସିହାଥି ବର୍ଲିନ୍ ନ ହେଇଥିବା ହକି ଖେଲ୍ ଦେଖିକରି ହିଟଲର୍ ଆଶ୍ଚର୍ଯ୍ୟ ହେବାର୍ ସହେତେ ଜର୍ମାନୀର୍ ନାଗରିକ ହେବାର୍ ଲାଗି ଧ୍ୟାନ୍‌ଚାନ୍ଦ୍‌ଙ୍କୁ ଅନୁରୋଧ୍ କରିଥିଲେ । ୧୯୨୬ ମସିହାନୁ ୧୯୪୮ ମସିହା ଭିତ୍‌ରେ ବିପକ୍ଷ ଦଲ୍ ମାନ୍‌କୁ ମେଜର୍ ଧ୍ୟାନ୍‌ଚାନ୍ଦ୍ ୪ ଶହ ନୁ ଅଏତ୍‌କା ଗୋଲ୍ ଦେଇଥିଲେ । ଲୋକ୍‌ମାନ୍‌କର୍ ଭିତ୍‌ରେ ଖେଲ ଲାଗି ସଚେତନ୍ କର୍‌ବାର୍‌କେ ୨୦୧୨ ମସିହାନୁ ଆଝିର୍ ଦିନେ ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ସ୍ମୃତିଥି ସାରା ଦେଶେ ଇ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଯେ, କ୍ରୀଡ଼ା ସଂସ୍କୃତିର୍ ବିକାଶ୍ ଆଉ ଯୁବ କ୍ରୀଡ଼ାବିତ୍‌ମାନ୍‌କୁ ଗଢ଼୍‌ବାର୍ ଲାଗି ଓଡ଼ିଶା ପ୍ରତିଶ୍ରୁତିବଦ୍ଧ ।

ବାର୍ଡ଼ଫ୍ଲୁ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ବାର୍ଡ଼୍‌ଫ୍ଲୁକେ ପ୍ରତିହତ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଇଛେ ବଲି ବିଭାଗୀୟ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ସେ କହିଛନ୍ ଯେ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ କେହେନି ଲୁକର୍ ନ ବାର୍ଡ଼୍‌ଫ୍ଲୁ ଚିହ୍ନଟ୍ ନାଇଁ ହେଇ । ସେଥିର୍‌ଲାଗି ନାଇଁ ଡର୍‌ବାର୍‌କେ ଲୁକ୍‌କୁ ମନ୍ତ୍ରୀ ଅନୁରୋଧ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ପୂର୍ବ କେନ୍ଦ୍ରୀୟ ଆଉ ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ଆଏଜ୍ ଗୁଟେ ଲଘୁଚାପ୍ ସୃଷ୍ଟି ହେଇପାରେ । ଇତାର୍ ପ୍ରଭାବ୍‌ଥି ଆଏବା ୩ ଦିନ୍‌ତକ୍ ରାଏଜେ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ସମ୍ବଲ୍‌ପୁର୍, ବୌଦ୍ଧ, ସୁବର୍ଣ୍ଣପୁର୍, ଝାର୍‌ସୁଗୁଡ଼ା, ନୂଆପଡ଼ା, କଲାହାଣ୍ଡି ଆର୍ ସୁନ୍ଦର୍‌ଗଡ଼ ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ବିଭାଗ୍ ତର୍‌ଫୁ ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।